# ବାଳିକାଙ୍କ ପ୍ରତି ପାରମ୍ପରିକ ଚିନ୍ତାଧାରା ବାଲ୍ୟବିବାହର କାରଣ

## ଜିଲାସ୍ତରୀୟ 'ବେଟି ବଞ୍ଚାଅ, ବେଟି ପଢ଼ାଅ' କର୍ମଶାଳା

ନବରଙ୍ଗପୁର, ୮ ।୬(ବି.ପ୍ର.)

କନ୍ୟା ସନ୍ତାନଙ୍କର ସୁରକ୍ଷା ଓ ଭବିଷ୍ୟତ ଗଠନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଚାଲୁଥିବା ବେଟି ବଞ୍ଚାଅ ବେଟି ପଢ଼ାଅ ଅଭିଯାନର ସଫଳ ରୂପାୟନ ନେଇ ଗୁରୁବାର ନବରଙ୍ଗପୁରର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ କର୍ମଶାଳାକୁ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବାକୁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ନବରଙ୍ଗପୁରରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ। ବାଲ୍ୟବିବାହ ରୋକିବାକୁ ଜିଲାରେ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷାକରି ଆହୁରି ଅଧିକ କାର୍ଯ୍ୟ କରିବାକୁ ପଡ଼ିବ। ବାଳିକାଙ୍କ ପ୍ରତି ଆମର ପାରମ୍ପରିକ ଚିନ୍ତାଧାରା, ନାରୀ ଶିକ୍ଷା ଏବଂ ସଚେତନତା ଅଭାବ ଯୋଗୁ ଜିଲାରେ ବାଲ୍ୟବିବାହ ହେଉଛି ବୋଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାକରି ଜିଲାପାଳ ଡ. କମଳଲୋଚନ ମିଶ୍ର କହିଥିଲେ। ବ୍ଲକଗୁଡ଼ିକରେ ଶିଶୁମିତ୍ର ପଞ୍ଚାୟତ ଗଠନ, ପ୍ରତି ପରିବାରରେ ଝିଅଟିଏ ଜନ୍ମ ହେଲେ ତାହା ପାଇଁ ଗୋଟିଏ ଗଛ ଲଗାଇବାକୁ ଜିଲା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ବାଳିକା ଶିକ୍ଷା ଓ ବାଲ୍ୟବିବାହକୁ ରୋକିବା ଦିଗରେ ବେଟି ବଞ୍ଚାଅ ବେଟି ପଢ଼ାଅ ଅଭିଯାନ କାର୍ଯ୍ୟ କରିବ। ଜିଲାରେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ବାଲ୍ୟବିବାହକୁ ନା ବିଦ୍ୟାଳୟକୁ ହଁ ଅଭିଯାନକୁ ତ୍ୱରାନ୍ୱିତ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି। ବେଟି ବଞ୍ଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମରେ ଥିବା ଜିଲା ସ୍ତର, ବ୍ଲକ ସ୍ତର ଓ ପଞ୍ଚାୟତସ୍ତର କାର୍ଯ୍ୟକ୍ରମ ଉପରେ ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଶାନ୍ତ ରାଉତ, ଉପ ଆରକ୍ଷୀ ଅଧୀକ୍ଷକ ପୁରୁଷୋତ୍ତମ ଭୋଇ, ଜିଲା ସମାଜ କଲ୍ୟାଣ ଅଧିକାରୀ କମଳା ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷା ଅଜନ୍ତା ପ୍ରିୟଦର୍ଶିନୀ, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଲାଇ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନବକିଶୋର ବେହେରା, ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍.ଏ. ଗୀତା, ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚିତ୍ତରଞ୍ଜନ ପଟ୍ଟନାୟକ, ପିରାମଲ ଫାଉଣ୍ଡେଶନର ଜିଲା ସଂଯୋଜକ ଦେବବ୍ରତ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କୁନିମଣୀ ସ୍ୱାଇଁ, କିଶୋର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ ।

# ପୋଲିସ ଯୌନ ଶୋଷଣର ଶିକାର ଯୁବତୀଙ୍କ ଏତଲା ରଖୁ ନ ଥିବା ଅଭିଯୋଗ

## ମାତୃଗୃହର ଆଶ୍ରୟ ନେଲେ ପୀଡ଼ିତା, ପରିବାର

ନବରଙ୍ଗପୁର,୮ ।୬(ବି.ପ୍ର.)

ଯୌନ ଶୋଷଣର ଶିକାର ପୀଡ଼ିତାଙ୍କ ଅଭିଯୋଗ ଶୁଣିଲେ ନାହିଁ ଥାନାବାବୁ। ଦୁଇଦିନ ଥାନାକୁ ଯାଇ ନୟାନ୍ତ ହେବା ପରେ ପୀଡ଼ିତା ଶେଷରେ ନବରଙ୍ଗପୁର ମାତୃଗୃହ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ନିକଟରେ ଦୁଃଖ ଜଣାଇଲେ। ଡାବୁଗାଁ ଏତଲା ଦେବାକୁ ଯାଇଥିବା ବେଳେ ଥାନାଧିକାରୀ ଅଭିଯୋଗ ନ ଶୁଣି ପୀଡ଼ିତାଙ୍କୁ ଘଉଡାଇଦେବା ଅତି ଦୁଃଖଦାୟକ ବୋଲି ମାତୃଗୃହ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଏଥିସହ ସେ ଡାବୁଗାଁ ଥାନାଧିକାରୀଙ୍କ ବଦଳି ଦାବି କରିଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳର ପୀଡ଼ିତା ଅନ୍ୟ ୨ ଯୁବତୀ ଓ ଜଣେ ଯୁବକଙ୍କ ସହ ୭ ମାସ ତଳେ ମଧ୍ୟସ୍ଥ ମନ ପାଇକଙ୍କ ସହ କାମ କରିବାକୁ ଯାଇଥିଲେ। କଟକ ପହଞ୍ଚିବାପରେ ରହିୟା ଗ୍ରାମରେ କ୍ଷେତ କାମରେ ସେମାନଙ୍କୁ ରଖାଯାଇଥିଲା। ୧ମାସ ପରେ ନାଉଗାଁ ପାଖ ପୋଖରୀ ଗ୍ରାମକୁ ନେଇ ଲକ୍ଷ୍ମୀ ବାବୁ ସାହୁକାରଙ୍କ ପାଖରେ କ୍ଷେତ ସହ ବିଭିନ୍ନ କୁଲି କାମରେ ଲଗାଇଥିଲେ। ମଧ୍ୟସ୍ଥ ପ୍ରତିଦିନ ପ୍ରବଳ ମଦ ପିଇ ମାଡ଼ମାରି ଯୌନ ଶୋଷଣ କରୁଥିଲେ। ମନ ୬ ମାସର ୫୪ ହଜାର ଟଙ୍କା ଉଠାଇ ନେଇଥିଲେ। ପୀଡ଼ିତା ଜଣଙ୍କ ସେଠାରୁ ଲୁଚି ପଳାଇ ଆସିବା ସହ ଅନ୍ୟ ଜଣେ ସାହୁକାରଙ୍କ ଘରେ କାମ କରିଥିଲେ। ସେଠାରୁ ଫୋନ୍ ଯୋଗେ ଘରକୁ ଯୋଗାଯୋଗ କରି ବସ୍‌ରେ ୨୦୨୩ ଜୁନ୍ ୫ରେ ନିଜ ଗ୍ରାମରେ ଗ୍ରାମରେ ପହଞ୍ଚିଥିଲେ। ୬ ଓ ୭ ତାରିଖରେ ଡାବୁଗାଁ ଥାନାକୁ ପୀଡ଼ିତା ଏତଲା ଦେବାକୁ ଯାଇଥିଲେ। କିନ୍ତୁ ପୀଡ଼ିତା ଏତଲା ଗ୍ରହଣ କରି ନ ଥିଲେ ବୋଲି ମାତୃଗୃହ ଅଧ୍ୟକ୍ଷା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତକରି ଡାବୁଗାଁ ଥାନାଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ସେ ଦାବି କରିଛନ୍ତି। ପୀଡ଼ିତାଙ୍କ ୬ ମାସର ଟଙ୍କା ୫୪ ହଜାର ଟଙ୍କା ଦଲାଲଙ୍କଠାରୁ ଆଦାୟ କରିବାକୁ ଦାବି ହୋଇଛି। ସପ୍ତାହ ମଧ୍ୟରେ ଥାନାଧିକାରୀଙ୍କୁ ଅନ୍ୟତ୍ର ବଦଳି, ମଧ୍ୟସ୍ଥଙ୍କଠାରୁ ୫୪ ହଜାର ଟଙ୍କା ଆଦାୟ କରି ପୀଡ଼ିତା ଫେରସ୍ତ, ଦଲାଲ ନାମରେ ଅପରାଧିକ ମାମଲା ରୁଜୁ କରିବାକୁ ଦାବି ହୋଇଛି। ଏସ୍‌ପି ଜିଲାର ସମସ୍ତ ଥାନାଧିକାରୀ ଙ୍କୁ ଚିଠି କରି ଏତଲାକାରୀଙ୍କୁ ମାନବୀୟ ବ୍ୟବହାର ପାଇଁ ନିର୍ଦ୍ଦେଶ, ଦାଦନ ମହିଳା ଶ୍ରମିକଙ୍କୁ ଚିହ୍ନଟକରି ସେମାନଙ୍କୁ ଆଣିବାର ବ୍ୟବସ୍ଥା ଦାବି ହୋଇଛି। ୭ ଦିନ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଶତାଧିକ ମହିଳାଙ୍କୁ ନେଇ ଗାନ୍ଧୀ ମୂର୍ତ୍ତି ତଳେ ସତ୍ୟାଗ୍ରହ କରିବୁ ବୋଲି ମାତୃଗୃହ ଅଧ୍ୟକ୍ଷା ଖବଦାତାଙ୍କୁ ସୂଚନା ଦେଇଛନ୍ତି। ଏହି ସମୟରେ ପିଡ଼ିତା ଓ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ଏ ନେଇ ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନଙ୍କୁ ପଚାରିବାରୁ ପୀଡିତାଙ୍କ ଦାଦା ଆସି ଝିଆରି ନିଖୋଜ ଥିବା କଥା କହିଥିଲେ। ଲିଖିତଭାବେ ଜଣାଇବାକୁ କହିବାରୁ ସେ ଫେରିଯାଇଥିଲେ। ପୀଡ଼ିତା କିନ୍ତୁ କେବେ ମଧ ଥାନାକୁ ଏତଲା ଦେବାକୁ ଆସି ନାହାନ୍ତି ବୋଲି ସେ କହିଛନ୍ତି।

## ବିଧାୟକଙ୍କୁ ଦାବି ଜଣାଇଲା ବ୍ଲକ ୱାର୍ଡ ମେମ୍ବର ସଂଘ

ତେନ୍ତୁଳିଖୁଣ୍ଟି, ୮ ।୬(ଡି.ଏନ୍.ଏ)

ତେନ୍ତୁଳିଖୁଣ୍ଟି ବ୍ଲକ ୱାର୍ଡମେମ୍ବର ସଂଘ ୩ଟି ଦାବି ସମାଧାନ ପାଇଁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ତୁରନ୍ତ ପ୍ରଦାନ, ଖାଉଟି କାର୍ଡରେ ନୂତନ ସଦସ୍ୟଙ୍କ ନାମ ପଞ୍ଜୀକରଣ, ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କୁ ହାତରେ ଭତ୍ତା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସଭାପତି ଭଜମନ ସିଂ, ଉପସଭାପତି ମାଳା ନାଗ, ସୁଜିକ ନାୟକ, ସରୋଜିନୀ ଟାକ୍ରୀ, କୁନୁ ହରିଜନ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗରେ ଯୁବକ ଗିରଫ

ପାପଡ଼ାହାଣ୍ଡି /ମୈଦଲପୁର, ୮ ।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ଥାନା ଅଧୀନ ସ୍ୱାତିପଦର ଗ୍ରାମର ରୁପାଦେଇ ଯାନୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଗାଦବାକତରା ଗାଁର ଶିବ ଯାନୀଙ୍କୁ ଗିରଫ କରି କରାଯାଇଛି। ମଇଦଲପୁର ଥାନାରେ କେସ୍ ନଂ. ୮୪/୨୩ରେ ମାମଲା ରଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଭାରାପ୍ରାପ୍ତ ଥାନାଧିକାରୀ ରାମେଶ୍ୱର ପ୍ରଧାନ କହିଛନ୍ତି। ତଦନ୍ତରେ ମଇଦଲପୁର ଏସ୍‌ଆଇ ବିପିନ କୁମାର କୁଲଦୀପ ସହଯୋଗ କରିଥିଲେ। ସୂଚନାନୁଯାୟୀ, ଗାଦବାକତରା ବରଗଛ ଛକରେ ଗତ ମଙ୍ଗଳବାର ରାତିରେ ରକ୍ତାକ୍ତ ଅବସ୍ଥାରେ ରୁପାଦେଇ ଜାନି ପଡ଼ିଥିଲେ। ଉଗ୍ରେସେନ ହରିଜନ ଓ ଲାଇବାନ ଜାନି ପୋଲିସ ସହାୟତାରେ ମେଡିକାଲ ନେବାବେଳେ ଶିବ ଜାନି ମାରିଥିବା କହିବା ପରେ ରୁପାଙ୍କ ମୃତ୍ୟୁ ହୋଇଥିଲା। ରୁପାଙ୍କ ଶେଷ ବୟାନକୁ ଭିତ୍ତି କରି ପୋଲିସ ଶିବଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ରୁପାଙ୍କୁ ଲୁହା ପାଇପରେ ମାରିଥିବା ଶିବ କହିଥିଲେ। ରୁପା ନିଶାସକ୍ତ ଅବସ୍ଥାରେ ସବୁଦିନ ଗାଳିଗୁଲଜ କରନ୍ତି। ମଙ୍ଗଳବାର ରାତିରେ ମଧ ଗାଳି ଗୁଲଜ କରିବାରୁ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଲୁହା ପାଇପ ଦ୍ୱାରା ମୁଣ୍ଡକୁ ପିଟି ଦେଇଥିଲେ ବୋଲି ଶିବ ପୋଲିସ ଆଗରେ କହିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

ଡାବୁଗାଁ, ୮ ।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବାନୁଆଗୁଡା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଘଟି ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତକ ହେଲେ ବାନୁଆଗୁଡା ଗ୍ରାମର ରାଜୀବ ଗୌଡ (୩୦) । ଗୁରୁବାର ଅପରାହ୍ନରେ ରାଜୀବ ଚନ୍ଦନ ଗୌଡ଼ଙ୍କ ସହ ଏକ ବାଇକ୍ (ଓଡ଼ି-୧୦ଜି-୦୫୫୬) ଯୋଗେ ଘରୁ ବାହାରି ଡାବୁଗାଁକୁ ଆସୁଥିଲେ। ବିପରୀତ ଦିଗରୁ ସେହି ଗାଁର କୁବେର ଗୌଡ ଏକ ବାଇକ୍ (ଓଡ଼ି-୨୪ଜି-୭୩୭୩)ରେ ଯାଉଥିବାବେଳେ ନର୍ସରୀ ରାସ୍ତାର ବୁଲାଣି ଉପରେ ରାଜୀବଙ୍କ ଗାଡ଼ି ସହ ମୁହାଁମୁହିଁ ହୋଇଥିଲା। ଏଥିରେ ରାଜୀବ, ଚନ୍ଦନ ଓ କୁବେର ଆହତ ହୋଇଥିଲେ। ରାଜୀବଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ ପନିତା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍‌ଇନିସ୍ପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କରିଛନ୍ତି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ । ଥାନା କେସ ନଂ ୧୧୩/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପାରଳାଖେମୁଣ୍ଡି, ୮।୬(ଡି.ଏନ୍.ଏ):

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ହାଡୁଭାଙ୍ଗି ନିକଟରେ ବାଇକ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ବାଇକ ଆରୋହୀ ଅଭିଷେକ ପଟନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯିବା ସମୟର ମୃତ୍ୟୁ ଘଟିଛି।

## ନବରଙ୍ଗପୁରରେ ପାସ୍‌ହାର ୭୦.୭୪%

ନବରଙ୍ଗପୁର, ୮ ।୬(ବି.ପ୍ର.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଜିଲାର ପାସ୍ ହାର ୭୦.୭୪% ରହିଛି। ନବରଙ୍ଗପୁର ଜିଲାରେ +୨ କଳା ପରୀକ୍ଷାରେ ମୋଟ ୪୪୫୦ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୩୪୪ ଜଣ ପରୀକ୍ଷା ଦେଇଥିଲେ। ୩୦୭୩ ଜଣ ପାସ୍ କରିଛନ୍ତି। ୧୯୯ ଜଣ ପ୍ରଥମ, ୩୫୨ ଜଣ ଦ୍ୱିତୀୟ ଓ ୨୫୨୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ ଜଣ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ନବରଙ୍ଗପୁର ଜିଲାରେ +୨ ଧନ୍ଦାମୂଳକ ଶିକ୍ଷାରେ କୌଣସି ପରୀକ୍ଷାର୍ଥୀ ନ ଥିଲେ।
















## ସଂକ୍ଷେପରେ

### ଯୁକ୍ତ ୨ କଳାରେ ଶେଖ ନାଫିଜା ଗୁଣପୁର ଟପ୍ପର

ଗୁଣପୁର,୮।୬(ଡି.ଏନ.ଏ)- ଯୁକ୍ତ ୨ କଳା ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଗୁଣପୁର ଶାନ୍ତିନିକେତନ କଲେଜର ଛାତ୍ରୀ ଶେଖ ନାଫିଜା ୪୬୨ ନମ୍ବର ରଖି ଟପ୍ପର ହୋଇଛନ୍ତି। କଲେଜର ୭୪ ପିଲାଙ୍କ ମଧ୍ୟରୁ ୩୫ ଜଣ ପ୍ରଥମ ହୋଇଥିବା ବେଳେ ୧୬ ଜଣ ଦ୍ୱିତୀୟ ଏବଂ ୨୨ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିଭଳି ଗୁଣପୁର କଲେଜର ୨୨୨ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରୁ ୧୫୩ ଜଣ ପାସ କରିଛନ୍ତି। ସେଥିରୁ ୧୯ ଜଣ ପ୍ରଥମ, ୩୫ ଜଣ ଦ୍ୱିତୀୟ ଏବଂ ୯୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଛାତ୍ର ଦିବାସା ଶବର ୪୧୬ ନମ୍ବର ରଖି କଲେଜ ରେ ପ୍ରଥମ ହୋଇଛନ୍ତି।

### ଜିଲାସ୍ତରୀୟ ପ୍ରାଣୀଧନ ମେଳା

ମାଲକାନଗିରି,୮।୬(ଡି.ଏନ୍.ଏ): ମାଲକାନଗିରି ଜିଲାସ୍ତରୀୟ ପ୍ରାଣୀଧନ ମେଳା ଗୁରୁବାର ଏମ୍.ଭି. ୭ ଗ୍ରାମର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅଶୋକ କୁମାର ତ୍ରିପାଠିଙ୍କ ସହ ସ୍ଥାନୀୟ ଅଞ୍ଚଳର୨୫୦ ଜଣ ଗୋପାଳକ ଯୋଗ ଦେଇଥିଲେ। ଏଥିସହ ଗୋ ପ୍ରଦର୍ଶନୀରେ ଗୋପାଳକମାନେ ସାଙ୍ଗରେ ଆଣିଥିବା ଗାଈ ବାଛୁରି, ଛେଳି ଆଦି ମଧ୍ୟରୁ ଶ୍ରେଷ୍ଠ ୩ ରୂପେ ୯ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ମରଣୀକା ପୁସ୍ତିକା 'ମାଲ୍ୟବନ୍ତ ପ୍ରାଣୀ ପ୍ରଗତି ଧାରା' ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍.ଡିଭିଓ ଡ. ବେହେରା, ଏଡିଭିଓ ଏଲ୍.ପି. ଡ. ନାୟକ ଉପ ନିର୍ଦ୍ଦେଶକ ଡ ମହାନ୍ତି ଯୋଗ ଦେଇ ଗୋପାଳନ ସମ୍ବନ୍ଧରେ ଅନେକ ଦିଗଦର୍ଶନ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୫ ହଜାର ଟଙ୍କା ପ୍ରଦାନ



ମାଲକାନଗିରି,୮।୬ (ଡି.ଏନ୍.ଏ) : ଗତ ୨ ତାରିଖ ଦିନ ବାଲେଶ୍ୱର ଜିଲା ବାହନଗା ଠାରେ ଘଟିଥିବା ରେଳ ଦୁର୍ଘଟଣାରେ ୨୮୮ ମୃତ୍ୟୁବରଣ କରିଥିବାବେଳେ ୧ ହଜାରରୁ ଉର୍ଦ୍ଧ୍ୱ ରେଳ ଯାତ୍ରୀ ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମାଲକାନଗିରି ମିଳିତ ଅମଲା ମଞ୍ଚ ଗତ ୧ ତାରିଖ ଠାରୁ ସମୂହ ଛୁଟିରେ ଥାଇ ଆନ୍ଦୋଳନ ଜାରି ରଖିଥିଲେ ମଧ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରି ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଆହତଙ୍କୁ ସାହାଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୫ ହଜାର ଟଙ୍କା ଦାନ କରିଛନ୍ତି। ମିଳିତ ଅମଲା ମଞ୍ଚ ଗୁରୁବାର ମାଲକାନଗିରି ଜିଲାପାଳ ବିଶାଳ ସିଂଙ୍କୁ ସାକ୍ଷାତ କରି ୫୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଜିଲାପାଳଙ୍କୁ ଚେକ ପ୍ରଦାନ ସମୟରେ ମିଳିତ ଅମଲା ମଞ୍ଚର ଲକ୍ଷ୍ମୀଧର ଦାସ, ପ୍ରଶାନ୍ତ କୁମାର ପୃଷ୍ଟି, ସୁକାନ୍ତ ସାହୁ, ସୁକାନ୍ତି ବେହେରା, ନିର୍ମଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତିମିତ୍ର ପୁରସ୍କାର

ଖଇରପୁଟ/ଗୋବିନ୍ଦପାଲି,୮।୬(ଡି.ଏନ୍.ଏ.)- ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁମାରପୁଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ସାହୁଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦାମୋଦରଙ୍କୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବଦତ୍ତ ବିଶ୍ୱାଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବାନ୍ ସାହୁଙ୍କ ସହ ଅନ୍ୟମାନେ ଅତିଥି ରୂପେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ରାସ୍ତା କାମରେ ନିୟୋଜିତ ୫ ଗାଡ଼ି ପୋଡ଼ିଲେ

## ସୀମାନ୍ତରେ ମାଓବାଦୀଙ୍କ ତାଣ୍ଡବ

ମାଲକାନଗିରି,୮।୬(ଡି.ଏନ୍.ଏ):

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କାଂକେର ଜିଲାରେ ଗୁରୁବାର ମାଓବାଦୀମାନେ ପୁଣି ତାଣ୍ଡବ ରଚିଛନ୍ତି। କାଂକେର ଜିଲା ଛୋଟେବେଟିୟା ଥାନା ଅନ୍ତର୍ଗତ ପରଲକୋଟର ରାଜମୁଣ୍ଡାଠାରୁ କୋପେନଗୁଡା ପର୍ଯ୍ୟନ୍ତ ହେଉଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ଟି ଗାଡିକୁ ନିଆଁ ଲଗାଇ ପୋଡି ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଛୋଟେବେଠିୟା ଅଞ୍ଚଳ ରାଜମୁଣ୍ଡାଠାରୁ କୋପେନଗୁଡା ପର୍ଯ୍ୟନ୍ତ ସାଢେ ୩ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ତେବେ ମାଓବାଦୀମାନେ ଏହି



ମାଓବାଦୀମାନେ ଜାଳି ଦେଇଥିବା ଗାଡ଼ି।

କାର୍ଯ୍ୟକୁ ବିରୋଧ କରି ଛୋଟେବେଟିୟା ଅନ୍ତର୍ଗତ ସିତରମ ଅଞ୍ଚଳରେ ନିୟୋଜିତ ୫ଟି ଗାଡି ପୋଡି ଦେଇଛନ୍ତି। ଏହି ଗାଡି ମଧ୍ୟରୁ ଦୁଇଟି ଟ୍ରକ, ଗୋଟିଏ ପ୍ରୋକଲିନ ମେଶିନ୍, ଗୋଟିଏ ରୋଡ ରୋଲର ଓ ଗୋଟିଏ ପାଣି ଟ୍ୟାଙ୍କର ଥିବା ଦେଖିବାକୁ ମିଳିଛି। ଏହି ସବୁ ଗାଡିଗୁଡିକ ଗୁପ୍ତା କନଷ୍ଟ୍ରକ୍ସନର ବୋଲି ଜଣାପଡିଛି। ଏହାବ୍ୟତୀତ ଏହି ଅଞ୍ଚଳରେ ଅନ୍ୟ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ୨ଟି ଗାଡିକୁ ମାଓବାଦୀମାନେ ପୋଡି ଦେଇଥିବା ସୂଚନା ମିଳିଛି। ମାଓବାଦୀମାନେ ଗାଡି ପୋଡି ଦେଇଥିବା ଖବର ଜାଣିବା ପରେ ମଧ ସନ୍ଧ୍ୟା ହୋଇ ଯାଇଥିବାରୁ ପୋଲିସ ଠିକ୍ ସମୟରେ ପହଞ୍ଚି ପାରିନାହିଁ ବୋଲି ଲୋ ପଖାଞ୍ଜୁର ଏସ୍.ଡିପିଓ ରବି କୁଜୁର ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

# ଯୁକ୍ତ ୨ କଳା ୭୪.୩୮, ଧନ୍ଦାମୂଳକରେ ୬୪.୫୧ ପ୍ରତିଶତ ପରୀକ୍ଷା ଫଳ

## ରାୟଗଡା ଜିଲା

ରାୟଗଡା ଅଫିସ, ୮।୬

ରାୟଗଡ଼ା ଜିଲାରେ +୨ କଳା ପରୀକ୍ଷାରେ ମୋଟ ୪୦୩୩ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେଥିରୁ ୩୯୭୧ ଜଣ ପରୀକ୍ଷା ଦେଇଥିଲେ । ୨୯୫୪ ଜଣ କୃତକାର୍ଯ୍ୟ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୭୪.୩୮ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୩୨୪ ଜଣ ପ୍ରଥମ, ୪୪୮ ଜଣ ଦ୍ୱିତୀୟ ଓ ୨୧୮୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨ ଜଣ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ଜଣ ପରୀକ୍ଷାର୍ଥୀ +୨ କଳା ପରୀକ୍ଷାରେ କପି କରି ଧରା ପଡିଥିବା ବେଳେ ଜଣକର ଫଳାଫଳ ସ୍ଥଗିତ ରହିଛି। ସେହିପରି +୨ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ମୋଟ ୯୫ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ, ସେଥିରୁ ୯୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ହାର ରହିଛି ୬୪.୫୧ ପ୍ରତିଶତ। ୧୦ ଜଣ ପ୍ରଥମ, ୪୦ ଜଣ ଦ୍ୱିତୀୟ, ୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୬ ଜଣ କମ୍ପାର୍ଟମେଣ୍ଟାଲରେ କୃତକାର୍ଯ୍ୟ ହୋଇଥିବା ବେଳେ ଜଣକର ଫଳାଫଳ ସ୍ଥଗିତ ରହିଛି।

# ମାଲକାନଗିରି ଜିଲା : କଳାରେ ୭୧.୭୧ % ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ

ମାଲକାନଗିରି,୮।୬ (ଡି.ଏନ୍.ଏ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ଓ ଧନ୍ଦାମୂଳକ ଶିକ୍ଷାର ବାର୍ଷିକ ପରୀକ୍ଷା ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ମାଲକାନଗିରି ଜିଲାରେ ୭୧.୭୧ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

ଜିଲାରେ ମୋଟ ୩୧୨୨ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ୩୦୫୫ ଜଣ ପରୀକ୍ଷା ଦେଇଥିଲେ। ତେବେ ୨୧୯୧ ଜଣ ପରୀକ୍ଷାରେ ପାସ୍ କରିଥିବାବେଳେ ଉତ୍ତୀର୍ଣ୍ଣ ହାର ରହିଛି ୭୧.୭୧ ପ୍ରତିଶତ । ଏମାନଙ୍କ ମଧ୍ୟରୁ ୯୮ ଜଣ ପ୍ରଥମ, ୨୫୧ ଜଣ ଦ୍ୱିତୀୟ ଓ ୧୮୩୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫ ଜଣ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ୫ ଜଣ ପରୀକ୍ଷାର୍ଥୀ +୨ କଳା ପରୀକ୍ଷାରେ କପି କରି ଧରାପଡ଼ିଛନ୍ତି। ଚଳିତ ବର୍ଷ ମାଲକାନଗିରି ଜିଲାରେ +୨ ଧନ୍ଦାମୂଳକ ଶିକ୍ଷାରେ କୌଣସି ପରୀକ୍ଷାର୍ଥୀ ନ ଥିବା ଜଣାପଡ଼ିଛି।

# ଜଳଦେବୀ ଗଙ୍ଗାଙ୍କୁ ପୂଜାର୍ଚ୍ଚନା କଲେ ମତ୍ସ୍ୟଜୀବୀ



ମହିଳାମାନେ ମାଲକାନଗିରି ସତିଗୁଡା ଜଳଭଣ୍ଡାରରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

ମାଲକାନଗିରି,୮।୬ (ଡି.ଏନ୍.ଏ) :

କାଳବୈଶାଖୀ ପ୍ରଭାବରେ ମାଲକାନଗିରି ସତିଗୁଡା ଜଳଭଣ୍ଡାରରେ ଗତ ୧ ତାରିଖରେ ଦୁଇଟି ଡଙ୍ଗା ବୁଡି ଦୁଇଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଥିଲା। ସତିଗୁଡା ଜଳଭଣ୍ଡାର ନିକଟରେ ବହୁ ମତ୍ସ୍ୟଜୀବୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଳଭଣ୍ଡାରରେ ମାଛ ଧରି ନିଜର ଜୀବନ ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ ଗତ କିଛି ମାସ ହେଲା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ବହୁ ଲୋକ ନିଜର ପ୍ରାଣ ହରାଉଛନ୍ତି। ଫଳରେ ମତ୍ସ୍ୟଜୀବୀମାନେ ଏବେ ଜଳଭଣ୍ଡାରକୁ ମାଛ ଧରିବା ପାଇଁ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ଗୁରୁବାର ଶତାଧିକ ମତ୍ସ୍ୟଜୀବୀ ଗୁରୁବାର ସତିଗୁଡା ଜଳଭଣ୍ଡାରରେ ଜଳଦେବୀ ମା' ଗଙ୍ଗାଙ୍କୁ ପୁଜାର୍ଚ୍ଚନା କରି ସେମାନଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି। ଏଥିସହ ମାଛ ଧରିବା ସମୟରେ ମା' ଗଙ୍ଗା ସେମାନଙ୍କ ପ୍ରତି ସହାୟ ହୁଅନ୍ତୁ ବୋଲି ଏହି ସ୍ୱତନ୍ତ୍ର ପୂଜାରେ ସମସ୍ତେ ପ୍ରାର୍ଥନା କରିଛନ୍ତି ।

### ମୋ ଘର ଯୋଜନା ସଫଳ ନେଇ ବୈଠକ

ଜୟପୁର, ୮।୬ (ନି.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଗୃହ ସହାୟତା ନିମନ୍ତେ ମୋ ଘର ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ସଫଳ ରୂପାୟନ ନିମନ୍ତେ ଏକ ବ୍ଲକସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ବୈଠକରେ ଉପଜିଲାପାଳ ବେଦବର ପ୍ରଧାନ, ବିଡିଓ ରାଜୀବ ଦାସ, ତହସିଲଦାର ସାଗରିକା ଷଡଙ୍ଗୀ, ଡିଏସ୍ଆର୍ ନୀଳାମ୍ବର ପୂଜାରୀ, ଜିପିଓ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ବ୍ଲକର ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ମୋ ଘର ଯୋଜନାରେ ଯେପରି ନୂତନ ଗୃହ ନିର୍ମାଣ, ସମ୍ପ୍ରସାରଣ ଓ ଉନ୍ନତୀକରଣ କରିପାରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ହିତାଧିକାରୀଙ୍କୁ ଋଣ ଯୋଗାଇବା, ମାଗଣା ଜମି ବନ୍ଧକ ରଖିବା, ମାଗଣାରେ ଇସି ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବ୍ୟାଙ୍କ ପରିଚାଳକ, ବ୍ୟାଙ୍କମିତ୍ର, ଓ ଓଏଲ୍ଏମ୍ମାନେ ଉପସ୍ଥିତ ଥିଲେ।

### ମା' ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଜୟପୁର, ୮।୬ (ନି.ପ୍ର.)

ଜୟପୁରର ନାରାୟଣ ମନ୍ଦିର ସାହିସ୍ଥିତ ସଙ୍କଟମୋଚନୀ ମହାମାୟୀ ଭଗବତୀଙ୍କ ନୂତନ ପାର୍ଶ୍ୱବିଗ୍ରହ ସହିତ ଦେବୀ ପ୍ରସାଦ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପାର୍ଶ୍ୱଦ୍ୱାର, ତ୍ରିଶୂଳ, ଧ୍ୱଜ ସ୍ଥାପନ ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ରାଜ୍ୟ ଭାଜପା ନେତା ଭୃଗୁ ବକ୍ସିପାତ୍ର, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଗତ ୪ରୁ ୮ ଯାଏ ୫ ଦିନ ଧରି ମା'ଙ୍କ ବିଭିନ୍ନ କାର୍ଯ୍ୟକ୍ରମ ନୀତିକାନ୍ତି ସହ ହୋଇଥିଲା। ଉତ୍ସବର ୫ ଦିନ ଘୃତ ଯଜ୍ଞ, ଷୋଡ଼ଶୋପଚାର ପୂଜା, ଚଣ୍ଡୀ ପାରାୟଣ କରାଯାଇଥିଲା। ଗଞ୍ଜାମର ପଣ୍ଡିତ ଅଶୋକ ପାଢ଼ୀ ସମସ୍ତ ପୂଜା ପାଠ କରିଥିଲେ। ଯଜ୍ଞରେ ବିଧାୟକ ବାହିନୀପତି, ଭାଜପା ନେତା ବକ୍ସିପାତ୍ର, ବିଜେଡି ଜିଲା ସଭାପତି ପାଣିଗ୍ରାହୀ ଉପସ୍ଥିତ ରହିଆହୂତିଦେଇଥିଲେ।

# କଲମ ବଦଳରେ ହାତରେ ଝାଡୁ ଧରିଲେ ଅମଲା

ମାଲକାନଗିରି, ୮।୬(ଡି.ଏନ୍.ଏ):



ଅମଲାମାନେ ଝାଡୁ ଧରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସଫେଇ କରୁଛନ୍ତି।

ସାରା ରାଜ୍ୟରେ ଅମଲା ସଂଘ ତରଫରୁ ଏକ ଦଫା ଦାବି ନେଇ ଗତ ଜୁନ୍ ୧ ତାରିଖରୁ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଅମଲାମାନେ ସମୂହ ଛୁଟିରେ ରହି ସବୁ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରୁ ନ ଥିବା ପ୍ରତିବାଦରେ ଗୁରୁବାର ଅମଲାମାନେ କଲମ ଛାଡି ହାତରେ ଝାଡୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସଫା କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ବନ୍ଧରେ ଅମଲା ମଞ୍ଚ ତରଫରୁ କୁହାଯାଇଛି ଯେ, ଯେତେ ଦିନ ପର୍ଯ୍ୟନ୍ତ ଅମଲାମାନଙ୍କ ଦାବି ପୂରଣ ନ ହୋଇଛି ସେପର୍ଯ୍ୟନ୍ତ ସେମାନେ ସମୂହ ଛୁଟିରେ ରହିବା ସହ ସମସ୍ତ ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ ।

# ଅଗ୍ରଗାମୀ, ଅର୍ଗାନିକ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଧାନ ବିହନ ବଣ୍ଟନ

ଟିକିରି,୮।୬(ଡି.ଏନ.ଏ.)

କାଶୀପୁର ବ୍ଲକ ଶଙ୍କରଅଡା ପଞ୍ଚାୟତରେ ରାୟଗଡ଼ା ଅର୍ଗାନିକ ପ୍ରଡ୍ୟୁସର କମ୍ପାନୀ ତରଫରୁ ଅଗ୍ରଗାମୀର ବିପିକେପି ଚାଷୀମାନଙ୍କୁ ଗୁରୁବାର ଦେଶୀ ବିହନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଗ୍ରଗାମୀ ନିର୍ଦ୍ଦେଶକ ଅଚ୍ୟୁତ ଦାସ ଅନ୍ୟ ଅତିଥିମାନଙ୍କ ଭିତରେ ସହକାରୀ କୃଷି ଅଧିକାରୀ ପଞ୍ଚାନନ ବେହେରା, ସାମାଜିକ କର୍ମୀ ତଥା ନାରୀନେତ୍ରୀ ସୁମନି ଝୋଡ଼ିଆ ଏବଂ ଘାସେନ ଝୋଡ଼ିଆ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଗ୍ରଗାମୀ ସଂଯୋଜକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇ ଏହାର ମୂଳ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସେ କହିଥିଲେ, ଏ ବର୍ଷ ଆମ କମ୍ପାନୀ ତରଫରୁ ୭ ପ୍ରକାର ଦେଶୀଧାନ ବିହନ ଯଥା-କଳାମଲ୍ଲୀ,କଳାଜୀରା, ନୂଆ କଳାଜୀରା, ମାଛକଣ୍ଟା ଓ କୁଲଟକିମାଛି ପ୍ରଜାତିର ଦେଶୀ ଧାନ ବିହନ ଶଙ୍କୋରଡା ଏବଂ ଡୁଡୁକାବାହାଲ ପଞ୍ଚାୟତର ୨୭ ଗ୍ରାମର ୪୦୦ ଜଣ ଚାଷୀଙ୍କୁ ଗୁରୁବାର ବିହନ ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଚ୍ୟୁତ ଦାସ ଯୋଗଦେଇ କହିଥିଲେ, ଆଗରୁ କାଶୀପୁର ଅଞ୍ଚଳରେ ୨୦୦ରୁ ଅଧିକ ପ୍ରଜାତିର ଦେଶୀ ଧାନ ଦେଖିବାକୁ ମିଳୁଥିଲା। କିନ୍ତୁ ଏହି ଅଞ୍ଚଳରେ ଆଉ ଦେଶୀଧାନ ଦେଖିବାକୁ ମିଳୁନାହିଁ। ସମସ୍ତ ଚାଷୀ ସରକାରୀ ବିହନ ଉପରେ ନିର୍ଭରକରି ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ମଧ ଠିକ୍ ସମୟରେ ବିହନ ପାଇପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ଦେଶୀ ଧାନ ବିହନ ପ୍ରଚଳନ କାର୍ଯ୍ୟକ୍ରମ ଏହି ଜୈବିକ କମ୍ପାନୀ ସହ ମିଶି କରୁଛୁ। ଏହି ବର୍ଷ ଭଳି ଗତ ବର୍ଷ ମଧ ଏହି କମ୍ପାନୀ ତରଫରୁ ୧୭୧ ଚାଷୀଙ୍କୁ ୪ ପ୍ରକାରର ଦେଶୀ ଧାନ ଜଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ସେମାନଙ୍କୁ ନିଜ ନିଜର ପସନ୍ଦ ଅନୁସାରେ ଦେଶୀ ଧାନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ପଣ୍ଡା ପରିଚାଳନା କରିଥିଲେ। ଅଭିରାମ ଝୋଡ଼ିଆ, କୈଳାସ ମାଣ୍ଡାଙ୍ଗୀ, ଅଭି ମାଝି, ଅପି ମାଝି ଓ ଅନ୍ୟମାନେ ସହଯୋଗ କରିଥିଲେ ।




ବିଭିନ୍ନ କିସମର ଧାନ ବିହନ ବଣ୍ଟନ କରାଯାଉଛି ।

# ମୃତକଙ୍କ ପରିବାରକୁ କ୍ଷତିପୂରଣ ପରେ କଂଗ୍ରେସର ଘେରାଉ କାର୍ଯ୍ୟକ୍ରମ ସ୍ଥଗିତ

## ଉଡାଜାହାଜ ପଡ଼ିଆ ପାଚେରି ଭୁଶୁଡ଼ିବା ଘଟଣା

ମାଲକାନଗିରି, ୮।୬ (ଡି.ଏନ୍.ଏ) :

କାଳବୈଶାଖୀ ପ୍ରଭାବରେ ମାଲକାନଗିରି ନିର୍ମାଣାଧୀନ ଉଡାଜାହାଜ ପଡିଆର ପାଚେରି ଭୁଶୁଡିବା ଘଟଣାରେ ସମ୍ପୃକ୍ତ ଠିକାଦାର ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏଥିସହ କଂଗ୍ରେସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିମ୍ନମାନର କାମ ହୋଇଥିବା ପାଚେରିକୁ ପ୍ରୋକଲିନ ମେସିନ ସାହାଯ୍ୟରେ ସମ୍ପୂର୍ଣ ଭାଙ୍ଗି ଦିଆ ଯାଇଥିବାରୁ ଶୁକ୍ରବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି।

ସୂଚନାରୁ ପ୍ରକାଶ ଯେ, କାଳବୈଶାଖୀ ପ୍ରଭାବରେ ମାଲକାନଗିରି ସଦର ମହକୁମାଠାରୁ ୫ କିଲୋମିଟର ଦୂର ଏମ୍.ଭି. ୧୦ ଗ୍ରାମ ନିକଟରେ ନିର୍ମାଣାଧୀନ ଉଡାଜାହାଜ ପଡିଆର ପାଚେରି ଭୁଶୁଡି ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି କାମ ନିମ୍ନମାନର ହୋଇଥିବା ନେଇ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ମୃତ ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଓ ନିର୍ମାଣ ହୋଇଥିବା ସମ୍ପୂର୍ଣ ୬ କିଲୋମିଟରରୁ ଉର୍ଦ୍ଧ୍ୱ ନିମ୍ନମାନର ପାଚେରିକୁ ଭାଙ୍ଗି ନୂତନ ପାଚେରି ନିର୍ମାଣ କରାଯିବାକୁ ଗତ ୪ ତାରିଖରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୯ ତାରିଖ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ। ତେବେ ପାଚେରି ନିର୍ମାଣ କରିଥିବା ସମ୍ପୃକ୍ତ ଠିକାଦାର ଗୁରୁବାର ସଦର ମହକୁମା ନଗର ଭବନଠାରେ କଂଗ୍ରେସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୃତକ ତିଲୋତ୍ତମା ବେନିଆ ଓ ମନ ହେମ୍ରମଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ସହ ନିମ୍ନମାନର କାମ ହୋଇଥିବା ପାଚେରିକୁ ସମ୍ପୂର୍ଣ ଭାଙ୍ଗି ଦିଆଯାଇଛି । କଂଗ୍ରେସର ଦାବିକୁ କିଛି ଅଂଶରେ ପୂରଣ କରାଯାଇଥିବାରୁ ଶୁକ୍ରବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜି. ଶ୍ରୀନିବାସ ରାଓ, ଛବି ଦାସ, ପ୍ରାଣକୃଷ୍ଣ ମଣ୍ଡଳ, ପଦ୍ମ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

ମାଲକାନଗିରି, ୮।୬ (ଡି.ଏନ୍.ଏ) :

ମାଲକାନଗିରି ଜିଲା ପ୍ରଶାସନ ଓ ଶ୍ରମ କର୍ଯ୍ୟାଳୟର ମିଳିତ ଆନୁକୁଲ୍ୟରେ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ସହାୟକ ଜିଲାପାଳ ପ୍ରାଣକୃଷ୍ଣ ନାୟକ, ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର, ଡେପୁଟି ଜିଲାପାଳ ଉମାପ୍ରସାଦ ଦାସ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ମାଲକାନଗିରି ପୌର ପରିଷଦ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ପ୍ରତ୍ୟେକ ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବୁଲି ଶିଶୁ ଶ୍ରମିକ ନିରାକରଣ ଉପରେ ସଚେତନ କରିବ। ଏଥିସହ ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ କୌଣସି କାମରେ ନିଯୁକ୍ତ ନ କରିବା ସହ ଯଦି କେହି ଶିଶୁଙ୍କୁ ବିପଦସଂକୁଳ ଅବସ୍ଥାରେ ଦେଖିଲେ ତେବେ ଉକ୍ତ ରଥରେ ଥିବା ଶିଶୁ ଶ୍ରମିକ ସହାୟତା ହେଲ୍ପ ଲାଇନ ୧୫୫୩୬୮ ଓ ଚାଇଲ୍ଡ ଲାଇନ ୧୦୯କୁ ସୂଚନା ଦେବା ପାଇଁ ସଚେତନ କରାଇବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ଚାଇଲ୍ଡ ଲାଇନର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ମୋ ଘର ପ୍ରଶିକ୍ଷଣ କର୍ମଶାଳା

ମାଲକାନଗିରି, ୮।୬ (ଡି.ଏନ୍.ଏ) :

ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରକୁ ପକ୍କା ଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମୋ ଘର ଯୋଜନାର ସଫଳ ରୂପାୟନ ପାଇଁ ମାଲକାନଗିରିରେ ଗୁରୁବାର ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ବୈଠକରେ ମୋ ଘର ଯୋଜନାର ଯୋଗ୍ୟତା, ମାନଦଣ୍ଡ, ଶ୍ରେଣୀ ବିଭାଗ, ସବସିଡି, ଋଣ ହାର, ଋଣ ସହାୟତା ବ୍ୟବସ୍ଥା, ମାସିକ କିସ୍ତି, ଅଭିଯୋଗ ସମାଧାନ, ଇ-ଗଭର୍ନାନ୍ସ,



ମୋ ଘର ପ୍ରଶିକ୍ଷଣ କର୍ମଶାଳା ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଅନ୍ୟ ବିଭାଗର ଦାୟିତ୍ୱ ଓ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା । ଯେଉଁ ହିତାଧିକାରୀମାନଙ୍କ ନାମରେ ସ୍ଥିତିବାନ ଓ ଘରବାଡି କିସମ ଜମି ପଟ୍ଟା ଥିବ ସେମାନେ ଏହି ଯୋଜନାରେ ପକ୍କା ଘର ପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ସାହୁ କହିଥିଲେ। ସେଥିପାଇଁ ସରକାର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିବା ସହ ଋଣ ପରିଶୋଧ ପାଇଁ ୧୧ ବର୍ଷ ସମୟ ଧାର୍ଯ୍ୟ ହୋଇଛି । ଜୁନ୍ ୧୬ ତାରିଖରୁ ଆବେଦନ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ଯୋଜନାର ପ୍ରଚାର ପ୍ରସାର ପାଇଁ ବ୍ଲକଠାରୁ ପଞ୍ଚାୟତସ୍ତରୀୟ ଏବଂ ବ୍ୟାଙ୍କମାନଙ୍କ ସହିତ ବୈଠକ ଆୟୋଜନ କରିବା ସହିତ ସମସ୍ତ ମୋ ସେବା କେନ୍ଦ୍ରଗୁଡ଼ିକୁ ଉତ୍ତମ ତାଲିମ ଦେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଏପିଡି ହିମାଂଶୁ ମହାରଣା, ବାଲାଜୀ ପଟ୍ଟନାୟକ, ସମସ୍ତ ବିଡିଓ, ତହସିଲଦାର ଓ ବ୍ୟାଙ୍କର୍ସମାନେ ଉପସ୍ଥିତ ଥିଲେ।

# ଖବର ପ୍ରସାରଣ ପରେ ଗ୍ରାମକୁ ଗଲା ନଳକୂପ ଖନନ ଗାଡ଼ି

ଟିକିରି,୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ଗାଡ୍ରାମୁହି ଗ୍ରାମରେ ଦୀର୍ଘଦିନ ହେବ ପିଇବା ପାଣି ସମସ୍ୟା ଲାଗି ରହିଥିଲା। ଏଠାରେ ୩୫ ଘରର ୧୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ ୩୦ ବର୍ଷ ପୂର୍ବେ ଏକ ନଳକୂପ ଖନନ ହୋଇଥିଲା। ତାହା କିଛି ବର୍ଷ ପରେ ନଷ୍ଟ ହୋଇଗଲା। ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜନଜାଗରଣ ମଞ୍ଚ ଲୋକ ସଂଗଠନ ପକ୍ଷରୁ ଗୁରୁବାର କାଶୀପୁର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପଞ୍ଚାୟତ ସଭାପତି ନାଗେଶର ମାଝିଙ୍କ ନେତୃତ୍ୱରେ ଘର ପ୍ରତି ୨ ଜଣ ମହିଳା ଓ ପୁରୁଷଙ୍କ ସହ ହାଣ୍ଡିମାଠିଆ ଧରି ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ମନୀଷା ଦାସ, ଆର୍‌ଡବ୍ଲ୍ୟୁଏସ୍ଏସ୍‌ର



ଗ୍ରାମରେ ପହଞ୍ଚିଥିବା ନଳକୂପ ଖୋଳା ଗାଡ଼ି।

ଅଧିକାରୀମାନେ ବୁଝାଶୁଝା କରି ୩ ଦିନ ସମୟ ନେଇ ଚାଲିଗଲେ। ନୂତନ ନଳକୂପ ଖନନ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ଲୋକେ ଜିଦ୍‌ଧରି ବସିଥିଲେ। କାଶୀପୁର ପୋଲିସ ମଧ ବହୁତ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ଧାରଣାରୁ ହଟି ନ ଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ନଳକୂପ ଖନନ ଗାଡ଼ି ଧାରଣାରେ ସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଧାରଣାସ୍ଥଳରେ ଆଲାଇ ମାଝି, ତୁରକ ମାଝି,ଇଲାଇ ମାଝି, ଆଶା ମାଝି, ଦୀପାଇ ମାଝି, ତିଲାଇ ମାଝି, ମାଣିକ ମାଝି, ମିଶ୍ର ମାଝି,ପାରିଆ ମାଝି, ଲୋଟିମପତି ମାଝି,ଦାଶି ମାଝି, ନାଗେଶର ମାଝି, ଅଶକ ମାଝି, ପାଇକ ମାଝି, ଇନ୍ଦୁମତି ଖରା ଓ ସୀମାଞ୍ଚଳ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ କରାଯାଇଥିଲା। ୨୦୨୩ ମାର୍ଚ୍ଚ ୨୨ରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିଲା, ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଲାଣି। ଗତ ଦିନରେ ଦୂଷିତ ପାଣି ପିଇ ଲୋକଙ୍କ ପ୍ରାଣ ହାନି ଘଟିଛି। ତାହାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ପ୍ରତି ଗ୍ରାମରେ ଥିବା ଜଳଉତ୍ସଗୁଡିକ ମରାମତି ଓ ବିଶୋଧନ ଲାଗି ଉଦ୍ୟମ କରନ୍ତୁ।

